## ତେଲେଙ୍ଗାନା ନେଇ ଉ.ପା ସରକାରଙ୍କର ପ୍ରକୃତ ଉଦ୍ଦେଶ୍ୟ କଅଣ ?

**ତା.୧୧.୦୨.୨୦୧୪**

**ଅରୁଣ ଜେଟଲୀ,  ବିରୋଧୀ ଦଳର ନେତା, ରାଜ୍ୟସଭା**

ଗତ ଦଶନ୍ଧି ମଧ୍ୟରେ ଉ.ପା ସରକାର ସ୍ୱତନ୍ତ୍ର ତେଲେଙ୍ଗାନା ରାଜ୍ୟ ଗଠନ ନେଇ ନିଜ ମତାମତ ବଦଳାଉଛନ୍ତି । ୨୦୦୪ ମସିହାରୁ ସେମାନେ ତେଲେଙ୍ଗାନାକୁ ନୂତନ ରାଜ୍ୟର ପାହ୍ୟା ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଉକ୍ତ ପ୍ରତିଶ୍ରୁତିକୁ ପୂରଣ କରିବାକୁ ସମ୍ପୂର୍ଣ୍ଣ ଭାବରେ ଅସମର୍ଥ ହୋଇଛନ୍ତି । ଶ୍ରୀ ପି.ଚିଦାମ୍ବରମ ୨୦୦୯ ମସିହାରେ ଏହାକୁ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ଦିଆଯିବାର ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ । ହେଲେ ସରକାର ନିଜର ପ୍ରତିଶ୍ରୁତିକୁ ରକ୍ଷା କରିବା ପରିବର୍ତ୍ତେ ଓଲଟା ସମସ୍ତ ଘଟଣାର ବିଶ୍ଳେଷଣ ପାଇଁ ଜଷ୍ଟିସ ଶ୍ରୀ କ୍ରୀଷ୍ଣା କମିଟି ଗଠନ କରିଥିଲେ । ଯାହାକି ଆଜି ପର୍ଯ୍ୟନ୍ତ କୌଣସି ବିଶ୍ଳେଷଣ ହିଁ କରିନାହିଁ ।

ବର୍ତ୍ତମାନର ପାର୍ଲିଆମେଣ୍ଟ ଅଧିବେଶନରେ ମଧ୍ୟ ଉକ୍ତ ବିଷୟ ନେଇ କୌଣସି ଉତ୍ତୋରତ୍ତର ଆଲୋଚନା କରାଯାଇନଥିବା ବେଳେ ଭା.ଜ.ପା ତେଲେଙ୍ଗାନା ରାଜ୍ୟ ଗଠନରେ ନିଜର ସହମତି କଥା ସ୍ପଷ୍ଟ ଭାବେ ପ୍ରକାଶ କରିଅଛି ଏବଂ ସୀମାନ୍ଧ୍ରର ଜନତାଙ୍କ ସୁରକ୍ଷା ନେଇ ମଧ୍ୟ ପ୍ରଶ୍ନ କରିଅଛି । ଏତଦ ବ୍ୟତୀତ ଉକ୍ତ ସ୍ୱତନ୍ତ୍ର ରାଜ୍ୟ ଗଠନ କୌଣସି କଠିନ ବ୍ୟାପାର ନୁହେଁ ବୋଲି ମଧ୍ୟ ପ୍ରକାଶ କରିଅଛି । କାରଣ ଏନ.ଡ଼ି.ଏ ସରକାର ସମୟରେ ଝାଡ଼ଖଣ୍ଡ, ଛତିଶଗଡ଼ ଓ ଉତ୍ତରାଖଣ୍ଡ ରାଜ୍ୟକୁ ଖୁବ ଶାନ୍ତିପୂର୍ଣ୍ଣ ପଦ୍ଧତିରେ ପୃଥକ କରାଯାଇଥିଲା । ବର୍ତ୍ତମାନ ପାର୍ଲିଆମେଣ୍ଟ ଅଧିବେଶନର ଆଉ ଆଠ ଦିନ ବାକି ଅଛି । ଦୁଇଟି ଶୁକ୍ରବାରକୁ ବାଦ ଦେଲେ ବାକି ଛଅଟି ଦିନ ମଧ୍ୟରେ ଉକ୍ତ ଘଟଣା ନେଇ ଆଲୋଚନା କରାଯିବା ଆବଶ୍ୟକ । ହେଲେ ଆନ୍ଧ୍ରପ୍ରଦେଶ (ରିଅରଗାନାଇଜେସନ) ବିଲ ଏପର୍ଯ୍ୟନ୍ତ ପାର୍ଲିଆମେଣ୍ଟରେ ଉପସ୍ଥାପିତ ହୋଇନାହିଁ । ତେଣୁ ମୋର ମନେହୁଏ କି, ଚଳିତ ଅଧିବେଶନରେ ଅଥବା ଉ.ପା ଶାସନ କାଳ ମଧ୍ୟରେ ହୁଏତ ଉକ୍ତ ପ୍ରସଙ୍ଗ ଉପସ୍ଥାପିତ ହେବାର ସମ୍ଭାବନା ହିଁ ନାହିଁ ।

ଯେ କୌଣସି ରାଜନୈତିକ ଦଳ ପକ୍ଷରେ ଜନତାଙ୍କୁ ଯାହାକୁ ପୂରଣ କରାଯିବ ନାହିଁ ସେଭଳି ବୃଥା ସ୍ୱପ୍ନ ଦେଖାଇବା ଆଦୌ ଠିକ ନୁହେଁ । ତେଣୁ ଉ.ପା ସରକାର ଖୁବ ଶୀଘ୍ର ଆନ୍ଧ୍ର ପ୍ରଦେଶ (ରିଅରଗାନାଇଜେସନ) ବିଲକୁ ଉଭୟ ସଦନକୁ ଆଣନ୍ତୁ ଏବଂ ଉଭୟ ଅଞ୍ଚଳର ଜନତାଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ପଦକ୍ଷେପ ଗ୍ରହଣ କରନ୍ତୁ ।